# NATIONAL NEWS BULLETIN (ODIA)
## 19th March - 2025
## Evening Bulletin : 7.15 p.m.

*********************************

ଆକାଶବାଣୀ.....     ସମ୍ବାଦ ପଢୁଛନ୍ତି.....     **ଆଦିତ୍ୟ ନାରାୟଣ ଦାଶ**

## ମୁଖ୍ୟ ସମ୍ବାଦ

- ସ୍ୱଳ୍ପ ମୂଲ୍ୟରେ ଭିମ୍ - ୟୁ.ପି.ଆଇ. କାରବାରକୁ ବ୍ୟାପକ କରିବା ଲାଗି ପ୍ରୋତ୍ସାହନ ଯୋଜନାକୁ କ୍ୟାବିନେଟ୍‌ର ମଞ୍ଜୁରି ।

- ୨୦୩୫ ସୁଦ୍ଧା ଭାରତ ଅନ୍ତରୀକ୍ଷ ଷ୍ଟେସନ୍ ପ୍ରତିଷ୍ଠା କରିବାକୁ ଯୋଜନା ରଖିଛି; କହିଲେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ରାଷ୍ଟ୍ରମନ୍ତ୍ରୀ ।

- ଦେଶକୁ ସର୍ବାଗ୍ରେ ରଖି ପ୍ରତ୍ୟେକ ବ୍ୟକ୍ତି ଦାୟିତ୍ୱ ତୁଲାଇବା ଉପରେ ଆହ୍ୱାନ ଦେଲେ ପ୍ରତିରକ୍ଷା ମନ୍ତ୍ରୀ ।

ଏବଂ

- ନୂଆଦିଲ୍ଲୀରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ଖେଲୋ ଇଣ୍ଡିଆ ପାରା କ୍ରୀଡ଼ା-୨୦୨୫ ।

# କ୍ୟାବିନେଟ୍ - ବ୍ରିଫିଙ୍ଗ୍

ସ୍ୱଳ୍ପ ମୂଲ୍ୟର ଭିମ୍-ୟୁ.ପି.ଆଇ. କାରବାରକୁ ପ୍ରସାରିତ କରିବା ଲାଗି ସରକାର ଆଜି ଏକ ପ୍ରୋତ୍ସାହନ ଯୋଜନାକୁ ଅନୁମୋଦନ କରିଛନ୍ତି । କ୍ୟାବିନେଟ୍ ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହି ଯୋଜନା ଲାଗି ୧ ହଜାର ୫ ଶହ କୋଟି ଟଙ୍କା ଖର୍ଚ୍ଚ କରାଯିବ । ଫଳରେ କ୍ଷୁଦ୍ର ବ୍ୟବସାୟୀମାନେ କୌଣସି ଅତିରିକ୍ତ ଖର୍ଚ୍ଚ ବହନ ନ କରି ୟୁ.ପି.ଆଇ. ସେବା ପାଇପାରିବେ । ୨ ହଜାର ଟଙ୍କା ପର୍ଯ୍ୟନ୍ତ କାରବାର ଉପରେ ସେମାନଙ୍କୁ ପ୍ରତି କାରବାର ପିଛା ଶୂନ ଦଶମିକ ୧/୫ ପ୍ରତିଶତ ପ୍ରୋତ୍ସାହନ ମିଳିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

***Voice*** **:...........**

ଶ୍ରୀକ ବୈଷ୍ଣବ କହିଛନ୍ତି, ଆସାମର ନାମରୂପସ୍ଥିତ ବ୍ରହ୍ମପୁତ୍ର ଉପତ୍ୟକା ସାର ନିଗମ ଲିମିଟେଡ୍‌ର ବର୍ତ୍ତମାନର ପରିସର ମଧ୍ୟରେ ଏକ ନୂଆ ବ୍ରାଉନ୍‌ଫିଲ୍ଡ୍ ଆମୋନିଆ-ୟୁରିଆ କମ୍ପ୍ଲେକ୍ସ ନାମରୂପ-୪ ସାର କାରଖାନା ପ୍ରତିଷ୍ଠା ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରି ପ୍ରଦାନ କରିଛନ୍ତି ।

ସେହିପରି ୨୦୨୪-୨୫ ଓ ୨୦୨୫-୨୬ ବର୍ଷପାଇଁ ବର୍ଦ୍ଧିତ ଆବଣ୍ଟନ ସହିତ ସଂଶୋଧିତ ରାଷ୍ଟ୍ରୀୟ ଗୋକୁଳ ମିଶନ କାର୍ଯ୍ୟକାରିତାକୁ କ୍ୟାବିନେଟ୍ ଅନୁମୋଦନ କରିଛି । ଏହାଦ୍ୱାରା ଦୁଗ୍ଧ ଉତ୍ପାଦନକୁ ବୃଦ୍ଧି କରିବା

ସହ ଦୁଗ୍ଧ ଚାଷୀଙ୍କ ଆୟ ବଢ଼ାଇବାରେ ଏହା ସହାୟକ ହେବ ବୋଲି ମନ୍ତ୍ରୀ କହିଛନ୍ତି ।

ମହାରାଷ୍ଟ୍ରର ଜି.ଏନ୍.ପି.ଏ. ବନ୍ଦରଠାରୁ ଆରମ୍ଭ କରି ଚୌକ୍ ପର୍ଯ୍ୟନ୍ତ ୬ ଲେନ୍ ବିଶିଷ୍ଟ ଗ୍ରୀନ୍‌ଫିଲ୍ଡ ରାଜପଥ ନିର୍ମାଣକୁ କ୍ୟାବିନେଟ୍ ମଞ୍ଜୁରି ଦେଇଛନ୍ତି । ଏଥିଲାଗି ୪ ହଜାର ୫ ଶହ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି ।

## ପ୍ରେଜ୍ - ନାସା

ଭୂପୃଷ୍ଠରେ କ୍ରୁ-ନାଇନ୍' ମିଶନ୍‌ର ନିରାପଦ ପ୍ରତ୍ୟାବର୍ତ୍ତନ ପାଇଁ ନାସାର ଦଳକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅଭିନନ୍ଦନ ଜଣାଇଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ଶ୍ରମତୀ ମୁର୍ମୁ କହିଛନ୍ତି, ଭାରତୀୟ ବଂଶୋଦ୍ଭବ ସୁନିତା ୱିଲିୟମ୍‌ସ ଏବଂ ତାଙ୍କ ସାଥୀ ମହାକାଶଚାରୀମାନେ ସେମାନଙ୍କର ଅଧ୍ୟବସାୟ, ଉତ୍ସର୍ଗୀକୃତ ପ୍ରେରଣାଦ୍ୱାରା ସମସ୍ତଙ୍କୁ ଚକିତ କରିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି, ମହାକାଶଚାରୀମାନଙ୍କ ଐତିହାସିକ ଯାତ୍ରା ହେଉଛି ଦୃଢ଼ସଙ୍କଳ୍ପ, ଦଳଗତ କାର୍ଯ୍ୟ ଏବଂ ଅସାଧାରଣ ସାହସର କାହାଣୀ । ରାଷ୍ଟ୍ରପତି ମହାକାଶଚାରୀମାନଙ୍କ ଦୃଢ଼ ପ୍ରତିବଦ୍ଧତାକୁ ଭୂୟସୀ ପ୍ରଶଂସା କରିଛନ୍ତି । ସୂଚନାଯୋଗ୍ୟ, ମହାକାଶରେ ୯ ମାସର ରହଣି ପରେ

ଦୁଇ ମହାକାଶଚାରୀ ଆଜି ପ୍ରତ୍ୟୁଷରେ ଫ୍ଲୋରିଡାସ୍ଥିତ ପାମ୍ ହାଣ୍ଡ୍ଲେର ତଲ୍ଲାହାସୀ ଉପକୂଳରେ ନିରାପଦରେ ଅବତରଣ କରିଥିଲେ ।

## ପ୍ରେଜ - ଉଦ୍ୟମ ଉତ୍ସବ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ରାଷ୍ଟ୍ରପତି ଭବନର ଅମୃତ ଉଦ୍ୟାନରେ ଅନୁଷ୍ଠିତ ହେବାକୁ ଥିବା 'ଉଦ୍ୟମ ଉତ୍ସବ'ରେ ଅଂଶଗ୍ରହଣ କରିବେ । ଏହି ଉତ୍ସବ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜନ କରାଯାଉଛି । ଏହା ଆସନ୍ତା ୩୦ ତାରିଖରେ ଉଦ୍‌ଯାପିତ ହେବାକୁ ଥିବାବେଳେ ଏମ୍.ଏସ୍.ଏମ୍.ଇ.ଗୁଡ଼ିକୁ ସଶକ୍ତ ଏବଂ ପ୍ରୋତ୍ସାହିତ କରିବା ସହିତ ଦେଶର ଐତିହ୍ୟ ସହିତ ଜନସାଧାରଣଙ୍କୁ ଯୋଡ଼ିବା ଲକ୍ଷ୍ୟରେ ଏହାର ଆୟୋଜନ କରାଯାଉଛି ।

## ଏଲ୍.ଏସ୍. - ଜିତେନ୍ଦ୍ର ସ୍ପେସ୍

ଭାରତ ୨୦୩୫ ମସିହା ସୁଦ୍ଧା ଏହାର ମହାକାଶ କେନ୍ଦ୍ର "ଭାରତ ଅନ୍ତରୀକ୍ଷ ଷ୍ଟେସନ୍" ପ୍ରତିଷ୍ଠା କରିବାକୁ ଯୋଜନା କରିଛି । ଯଦି ସମସ୍ତ

ଯୋଜନା ଠିକ୍ ଫଳପ୍ରଦ ହୁଏ, ତେବେ ୨୦୪୦ ସୁଦ୍ଧା ଜଣେ ଭାରତୀୟ ମହାକାଶଚାରୀ ଚନ୍ଦ୍ରରେ ଅବତରଣ କରିବେ । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଆଜି ଲୋକସଭାରେ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ଏହି ସୂଚନା ପ୍ରଦାନ କରିଛନ୍ତି । ଶ୍ରୀ ସିଂହ କହିଛନ୍ତି, ଚନ୍ଦ୍ରଯାନ-୪କୁ ଦୁଇଟି ଉତ୍କ୍ଷେପଣ ଯାନ ଜରିଆରେ ଉତ୍କ୍ଷେପଣ କରାଯିବ । ଏହାର ୫ଟି ଉପାଦାନ ରହିବ । ତେବେ ମନୋନୀତ ହୋଇଥିବା ୪ ଜଣ ଗଗନଯାନ ମହାକାଶଚାରୀଙ୍କୁ ଜନସାଧାରଣଙ୍କ ନଜରରୁ କାହିଁକି ଦୂରେଇ ରଖାଯାଇଛି ବୋଲି ପଚରା ଯାଇଥିବା ପ୍ରଶ୍ନର ଉତ୍ତରରେ ଶ୍ରୀ ସିଂହ କହିଛନ୍ତି, ସେମାନଙ୍କୁ ବିଭ୍ରାନ୍ତିରୁ ଦୂରେଇ ରଖିବାପାଇଁ ଏହା କରାଯାଇଛି । ସେହିପରି ମହିଳା ରୋବୋର୍ଟ ସହିତ ଗଗନଯାନର ପରୀକ୍ଷଣ ଉଡ଼ାଣ ଚଳିତ ବର୍ଷ ଶେଷ ସୁଦ୍ଧା ଆରମ୍ଭ ହେବ ବୋଲି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ କହିଛନ୍ତି ।

## ଆର୍.ଏସ୍. - ହେଲ୍ଥ ଡିସ୍କସନ୍

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର କାର୍ଯ୍ୟକାରିତା ଉପରେ ଆଜି ରାଜ୍ୟସଭାରେ ଆଲୋଚନା ହୋଇଛି । ବିତର୍କରେ ଭାଗନେଇ ବି.ଜେ.ପି. ସଦସ୍ୟ ଭୁବନେଶ୍ୱର କଲିତା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ

ନେତୃତ୍ୱରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଦେଶ ଏକ ନୂତନ ଶିଖରରେ ପହଞ୍ଚିପାରିଛି । ଇତିମଧ୍ୟରେ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଅଭୂତପୂର୍ବ ଉନ୍ନତି ଘଟିଥିବାବେଳେ ଏହା ବିଶ୍ୱସ୍ତରୀୟ ହୋଇପାରିଛି ବୋଲି ସେ କହିଛନ୍ତି । ସ୍ୱଳ୍ପ ଖର୍ଚ୍ଚରେ ଉନ୍ନତ ସ୍ୱାସ୍ଥ୍ୟସେବା ମିଳିପାରୁଥିବାରୁ ଭାରତରେ ଚିକିତ୍ସିତ ହେବାପାଇଁ ବିଭିନ୍ନ ଦେଶରୁ ଲୋକମାନେ ଏଠାକୁ ଆସୁଛନ୍ତି ବୋଲି ଶ୍ରୀ କଳିତା କହିଛନ୍ତି ।

ସଂଯୁକ୍ତ ଜନତା ଦଳର ନେତା ସଞ୍ଜୟ କୁମାର ଝା କହିଛନ୍ତି, ଦେଶରେ ସ୍ୱାସ୍ଥ୍ୟକ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି । ଡାକ୍ତରଙ୍କ ଅଭାବକୁ ପୂରଣ କରିବା ଲାଗି ଗତ ୧୦ ବର୍ଷ ମଧ୍ୟରେ ୧ ଲକ୍ଷ ୨୦ ହଜାର ଏମ୍.ବି.ବି.ଏସ୍. ସିଟ୍ ସୃଷ୍ଟି କରାଯାଇଛି ବୋଲି ଶ୍ରୀ ଝା କହିଛନ୍ତି ।

ଆଲୋଚନାରେ ଭାଗ ନେଇ ଧର୍ମନିରପେକ୍ଷ ଜନତା ଦଳ ନେତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବଗୌଡ଼ା ଗ୍ରାମାଞ୍ଚଳରେ ଅଧିକ ଡାକ୍ତରଖାନା ପ୍ରତିଷ୍ଠା କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ହାଇସ୍କୁଲ୍ ଛାତ୍ରୀଙ୍କୁ ସର୍ଭାଇକାଲ୍ କର୍କଟରୁ ସୁରକ୍ଷା ଦେବା ସକାଶେ ସରକାର ସେମାନଙ୍କୁ ଟିକା ଦେବା ଉଚିତ ବୋଲି ପ୍ରସ୍ତାବ ଦେଇଛନ୍ତି ।

## ରାଜନାଥ

ଦେଶକୁ ସର୍ବାଗ୍ରେ ରଖି ପ୍ରତ୍ୟେକ ଲୋକ ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇ ଏକତା ବଜାୟ ରଖିବା ଉପରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆହ୍ୱାନ ଦେଇଛନ୍ତି । ନୂଆଦିଲ୍ଲୀରେ ଆଜି ମେଜର୍ ଖାଥିଙ୍ଗ୍ ସ୍ମାରକୀ

କାର୍ଯ୍ୟକ୍ରମର ପଞ୍ଚମ ସଂସ୍କରଣକୁ ଉଦ୍‌ବୋଧନ ଦେବା ଅବସରରେ ସେ କହିଛନ୍ତି, ମେଜର୍ ଖାଥିଙ୍ଗ୍ ଦେଶର ମହାନ୍ ସନ୍ତାନ ଥିଲେ । ସେ ଯୁଦ୍ଧକ୍ଷେତ୍ରରେ ନିଜର ବୀରତ୍ୱ ଦେଖାଇବା ସହ କୂଟନୈତିକ ଦିଗରେ ଦକ୍ଷତା ପ୍ରଦର୍ଶନ କରି ଦେଶର ଇତିହାସରେ ଏକ ସ୍ୱତନ୍ତ୍ର ଛାପ ଛାଡ଼ିଯାଇଛନ୍ତି ବୋଲି ଶ୍ରୀ ସିଂହ କହିଛନ୍ତି । ସଶସ୍ତ୍ର ସୀମା ବଳ ଓ ନାଗାଲାଣ୍ଡ ସଶସ୍ତ୍ର ପୁଲିସ୍ ବାହିନୀ ଗଠନ ସହ ଅନ୍ୟାନ୍ୟ ସଂସ୍କାର କ୍ଷେତ୍ରରେ ମେଜର ଖାଥିଙ୍ଗ୍‌ଙ୍କ ପ୍ରଶାସନିକ ପାରଦର୍ଶିତା ଥିଲା ବୋଲି ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି ।

ଦେଶର ବିକାଶଯାତ୍ରାରେ ଉତ୍ତର-ପୂର୍ବାଞ୍ଚଳର ଭୂମିକାକୁ ସ୍ୱୀକାର କରି ସରକାର ସର୍ବଦା ସେହି ଅଞ୍ଚଳର ଉନ୍ନତି ଦିଗରେ ପ୍ରାଧାନ୍ୟ ଦେଇଆସୁଛନ୍ତି ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ।

## ଆର୍.ଏସ୍. - ଟେରରିଜିମ୍

ଆତଙ୍କବାଦ ବିରୋଧରେ ସରକାର ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରିଥିବାରୁ ଦେଶରେ ଆତଙ୍କବାଦୀ କାର୍ଯ୍ୟକଳାପ ବ୍ୟାପକ ଭାବେ ହ୍ରାସ ପାଇଛି । ରାଜ୍ୟସଭାରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଏ ପ୍ରସଙ୍ଗରେ କହିଛନ୍ତି, ଜାତୀୟ ତଦନ୍ତକାରୀ ସଂସ୍ଥା-ଏନ୍.ଆଇ.ଏ.କୁ ଦେଶ ଓ ବିଦେଶରେ ଆତଙ୍କବାଦୀ କାର୍ଯ୍ୟକଳାପକୁ ଦମନ କରିବା କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ଅଧିକ କ୍ଷମତା ପ୍ରଦାନ କରାଯାଇଛି । ସାନଫ୍ରାନ୍‌ସିସ୍‌କୋ ଏବଂ ଲଣ୍ଡନଠାରେ

ଥିବା ଭାରତୀୟ ରାଷ୍ଟ୍ରଦୂତଙ୍କ କାର୍ଯ୍ୟାଳୟ ଉପରେ ଆତଙ୍କବାଦୀ ଆକ୍ରମଣର ତଦନ୍ତ ଏନ୍.ଆଇ.ଏ. କରୁଛି ବୋଲି ମନ୍ତ୍ରୀ ଶ୍ରୀ ରାୟ କହିଛନ୍ତି । ଦେଶରୁ ଆତଙ୍କବାଦର ମୂଳୋତ୍ପାଟନ ପାଇଁ କେନ୍ଦ୍ର ସରକାର କଡ଼ା ପଦକ୍ଷେପ ଗ୍ରହଣ କରୁଥିବା ମନ୍ତ୍ରୀ କହିଛନ୍ତି ।

## ନଡ୍ଡା - ବିଲ୍ ଗେଟ୍ସ୍

ଭାରତ ଏ.ଆଇ. ମିଶନ ଏବଂ ବିଲ୍ ଆଣ୍ଡ୍ ମେଲିଣ୍ଡା ଗେଟ୍ସ ଫାଉଣ୍ଡେସନ୍ ମଧ୍ୟରେ ଖୁବ୍ ଶୀଘ୍ର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବ ବୋଲି ଆଜି ଇଲେକ୍‌ଟ୍ରୋନିକ୍ସ, ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ନୂଆଦିଲ୍ଲୀରେ ବିଲ୍ ଆଣ୍ଡ ମେଲିଣ୍ଡା ଗେଟ୍ସ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ବିଲ୍ ଗେଟ୍ସଙ୍କ ସହ ଏକ ବୈଠକରେ ଆଲୋଚନା କରିବା ପରେ ଶ୍ରୀ ବୈଷ୍ଣବ ଏହା କହିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସେ କହିଛନ୍ତି, ଉନ୍ନତ ଶସ୍ୟ, ଉତ୍ତମ ସ୍ୱାସ୍ଥ୍ୟସେବା, ସ୍ମାର୍ଟ ଶିକ୍ଷା ଓ ଜଳବାୟୁ ଅନୁକୂଳ ଦିଗରେ କାର୍ଯ୍ୟ କରିବାରେ ଏ.ଆଇ. ସଲ୍ୟୁସନ୍ସ ବା କୃତ୍ରିମ ବୁଦ୍ଧିମତ୍ତା ସଂକ୍ରାନ୍ତ ପ୍ରଯୁକ୍ତି ବିଦ୍ୟା ବିଶେଷ ସହାୟକ ହେବ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା ଶ୍ରୀ ଗେଟ୍ସଙ୍କ ସହ ମଧ୍ୟ ଏକ ବୈଠକରେ ଆଲୋଚନା କରିଛନ୍ତି ।

# ବି.ଜେ.ପି. - ଥରୁର୍

ଭାରତର କୂଟନୈତିକ ସ୍ଥିତି ପ୍ରଧାନମନ୍ତ୍ରୀଙ୍କର ନେତୃତ୍ୱରେ ବିକଶିତ ହୋଇଛି ବୋଲି ବି.ଜେ.ପି. ପକ୍ଷରୁ କୁହାଯାଇଛି । ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଶଂସାର ପାତ୍ର ଅଟନ୍ତି । ବିଶେଷକରି ରୁଷ୍ ଏବଂ ୟୁକ୍ରେନ୍ ମଧ୍ୟରେ ଦେଖାଦେଇଥିବା ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତିରେ ଉପରେ ପ୍ରଧାନମନ୍ତ୍ରୀ ଗ୍ରହଣ କରିଥିବା ପଦକ୍ଷେପକୁ କଂଗ୍ରେସ ସାଂସଦ ଶଶୀ ଥରୁର୍ ପ୍ରଶଂସା କରିଛନ୍ତି । ବି.ଜେ.ପି. ସାଂସଦ ତଥା ମୁଖପାତ୍ର ସମ୍ବିତ୍ ପାତ୍ର ସଂସଦ ବାହାରେ ଗଣମାଧ୍ୟମକୁ କହିଛନ୍ତି, ଶ୍ରୀ ଥରୁର୍ କୂଟନୀତିକୁ ଭଲଭାବରେ ବୁଝନ୍ତି । ମିଳିତ ଜାତିସଂଘରେ ଦୀର୍ଘଦିନ ଧରି କାର୍ଯ୍ୟ କରିଥିବାରୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ନିଷ୍ପତ୍ତିକୁ ଶ୍ରୀ ଥରୁର୍ ବେଶ୍ ପ୍ରଶଂସା କରିଛନ୍ତି । ସାଂସଦ ଶ୍ରୀ ପାତ୍ର କହିଛନ୍ତି, କଂଗ୍ରେସ ଦଳର ନେତାମାନେ ଶ୍ରୀ ଥରୁର୍ଙ୍କଠାରୁ ଏହା ଶିଖିବା ଦରକାର । ଏନେଇ ପ୍ରଧାନମନ୍ତ୍ରୀଙ୍କୁ ବାରମ୍ବାର ସମାଲୋଚନା କରୁଥିବା ନେତା ରାହୁଲ ଗାନ୍ଧି, ମଲ୍ଲିକାର୍ଜୁନ ଖଡ଼୍‌ଗେ ଏବଂ ଅନ୍ୟ ବିରୋଧୀ ଦଳ ନେତାମାନେ ଏଥିରୁ ବହୁକିଛି ଶିଖିବାର ଅଛି ବୋଲି ଶ୍ରୀ ପାତ୍ର କହିଛନ୍ତି ।

## ଖେଲୋ ଇଣ୍ଡିଆ ପାରା ଗେମ୍ସ୍

ନୂଆଦିଲ୍ଲୀରେ ଆସନ୍ତାକାଲି ଖେଲୋ ଇଣ୍ଡିଆ ପାରା କ୍ରୀଡ଼ା ୨୦୨୫ ଆରମ୍ଭ ହେବ । ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ଖେଲୋ ଇଣ୍ଡିଆ କ୍ରୀଡ଼ାର ସଂଗୀତ, ମାସ୍କଟ ଓ ଲୋଗୋ ଉନ୍ମୋଚନ କରିଛନ୍ତି । ଏହି ପ୍ରତିଯୋଗିତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ । ଚଳିତ ଖେଲୋ ଇଣ୍ଡିଆ କ୍ରୀଡ଼ାରେ ପ୍ରାୟ ୧୩୦୦ ପ୍ରତିଯୋଗୀ ଅଂଶ ଗ୍ରହଣ କରିବେ । ଏହି ଅଭିଯାନ ଦେଶର କ୍ରୀଡ଼ାବିତ୍‌ମାନଙ୍କୁ ଅନନ୍ୟ ମଞ୍ଚ ପ୍ରଦାନ କରି ସେମାନଙ୍କୁ ବିଶ୍ୱସ୍ତରକୁ ଉନ୍ନୀତ କରିପାରିଛି ବୋଲି ମନ୍ତ୍ରୀ ଶ୍ରୀ ମାଣ୍ଡବ୍ୟ କହିଛନ୍ତି ।

## ପଞ୍ଜାବ - ଫାର୍ମର୍ସ କନ୍‌କ୍ଲେଭ୍

କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପ୍ରତିନିଧିମାନଙ୍କ ସହିତ  ଆଜି ଆନ୍ଦୋଳନରତ ପଞ୍ଜାବର କୃଷକମାନଙ୍କର ବୈଠକ ଚଣ୍ଡୀଗଡ଼ରେ ପ୍ରାୟ ୩ ଘଣ୍ଟା ଧରି ଚାଲିଥିଲା । ପରବର୍ତ୍ତୀ ବୈଠକ ମଇ ମାସ ୪ ତାରିଖରେ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି । ସମ୍ମୁକ୍ତ କିଷାନ ମୋର୍ଚ୍ଚା ନାମକ ଏକ ଅଣରାଜନୈତିକ ସଂଘର ୨୮ ଜଣ ପ୍ରତିନିଧି ଏବଂ କିଷାନ ମଜଦୁର ମୋର୍ଚ୍ଚା

ସହିତ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ, ବାଣିଜ୍ୟ ମନ୍ତ୍ରୀ ପିୟୁଷ ଗୋୟଲ ଏବଂ ଖାଉଟି ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ । ପଞ୍ଜାବର କୃଷିମନ୍ତ୍ରୀ ଗୁରୁମିତ ସିଂହ ଖୁଡିଆଁ, ଅର୍ଥମନ୍ତ୍ରୀ ହରପାଲ ସିଂ ଚିମା ଏବଂ କ୍ୟାବିନେଟ୍ ମନ୍ତ୍ରୀ ଚେତନ ସିଂ ଜୌରାମାଜ୍ରା ମଧ୍ୟ ଏହି ବୈଠକରେ ଉପସ୍ଥିତ ଥିଲେ । ଦୁଇଟିଯାକ ମୋର୍ଚ୍ଚାର ପ୍ରତିନିଧି ଜଗଦୀଶ ସିଂ ଡାଲେୱାଲ ଏବଂ ସରୱନ୍ ସିଂ ପାନ୍ଧାର ପ୍ରମୁଖ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ ।

*****